# NATIONAL NEWS BULLETIN (ODIA)
## 10 October - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପି.ଏମ୍. ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ସମ୍ପର୍କିତ ଅଭିଯାନର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁ କାଶ୍ମୀରକୁ ପୁନଃ ରାଜ୍ୟ ମାନ୍ୟତା ପ୍ରଦାନ କରିବା ସମ୍ପର୍କରେ ଆସନ୍ତା ୪ ସପ୍ତାହ ମଧ୍ୟରେ ନିଜର ମତାମତ ରଖିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ।
- ଯେକୌଣସି ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ପରସ୍ପରର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସମ୍ମାନ ଦେବା ଉପରେ ଭାରତ ଓ ଆଫ୍‌ଗାନିସ୍ତାନର ଗୁରୁତ୍ୱାରୋପ ।
- ଭେନେଜୁଏଲାର ମାରିଆ କୋରିନା ମାକାଡୋଙ୍କୁ ମିଳିବ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ।

ଏବଂ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨ ଓ୍ୱିକେଟ୍ ହରାଇ ୩୧୮ରନ୍ କରିଛି ଭାରତ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀଠାରେ ପି.ଏମ୍. ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଉତ୍ପାଦନ ବୃଦ୍ଧି, ଶସ୍ୟ ବିବିଧତାକୁ ପ୍ରୋତ୍ସାହନ, ଉନ୍ନତ ଜଳସେଚନର ଉପଲବ୍ଧତା ଏବଂ ଶସ୍ୟ ସଂରକ୍ଷଣକୁ ସୁ-ବ୍ୟବସ୍ଥିତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଅଧୀନରେ ସରକାର ଦେଶର ୧୦୦ଟି କମ୍ ଉତ୍ପାଦକତା ଜିଲ୍ଲା ଚିହ୍ନଟ କରିବେ ଏବଂ ସମ୍ପୃକ୍ତ ସ୍ଥାନରେ ଉତ୍ପାଦକତା ବୃଦ୍ଧି କରିବା ଲାଗି ଏହି ଯୋଜନା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ସମ୍ପୃକ୍ତ ଜିଲ୍ଲାର ଚାଷୀମାନେ ଉନ୍ନତ ଜଳସେଚନ ଏବଂ ଋଣ ସହାୟତା ପାଇପାରିବେ । ଏହିସବୁ ଜିଲ୍ଲାର ଉତ୍ପାଦକତାକୁ ଜାତୀୟ ହାରାହାରି

ସ୍ତରକୁ ବୃଦ୍ଧି କରାଯାଇପାରିଲେ ସାମଗ୍ରୀକ ଜାତୀୟ ସ୍ତରୀୟ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ ବୋଲି କୃଷି ମନ୍ତ୍ରୀ କହିଛନ୍ତି ।

**V/O-1-SHIVRAJ-DHANDHAYN**

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ସମ୍ପର୍କିତ ଅଭିଯାନର ମଧ୍ୟ ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ସୂଚନା ଦେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଦେଶ ବର୍ତ୍ତମାନ ଗହମ ଓ ଚାଉଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି । ମାତ୍ର ଡାଲି କ୍ଷେତ୍ରରେ ଭାରତ ଖୁବ୍ ଶୀଘ୍ର ଆତ୍ମନିର୍ଭରତା ହାସଲ କରିବ । ସେ କହିଛନ୍ତି, ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଶତପ୍ରତିଶତ ପଞ୍ଜିକୃତ ଚାଷୀଙ୍କର ଉତ୍ପାଦ ସଂଗ୍ରହ କରିବେ । ଡାଲି ଆତ୍ମନିର୍ଭର ମିଶନ୍ ଅଧୀନରେ ସରକାର ଏହାର ଉତ୍ପାଦନ ଏବଂ ଚାଷ ଜମି ପରିମାଣକୁ ଦେଶ ବ୍ୟାପି ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି ।

**V/O-2--SHIVRAJ---DALHAN**

ଏହି ଅବସରରେ ପ୍ରଧାନମନ୍ତ୍ରୀ କୃଷି କ୍ଷେତ୍ରକୁ ନିଜର ଉଲ୍ଲେଖନୀୟ ଅବଦାନ ଲାଗି କୃତି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ସମବାୟ ସମିତି ଏବଂ ନବସୃଜକମାନଙ୍କୁ ସମ୍ବର୍ଦ୍ଧିତ କରିବେ । ଏତଦ୍ ବ୍ୟତୀତ ଶ୍ରୀ ମୋଦୀ କୃଷି ଭିତ୍ତିଭୂମି ପାଣ୍ଠି, ପଶୁପାଳନ, ମତ୍ସ୍ୟ ଉତ୍ପାଦନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ସହିତ ସମ୍ପୃକ୍ତ ୧ ହଜାର ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପର

ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଏସ୍‌ସି-ଜାମ୍ମୁ କାଶ୍ମୀର

କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରକୁ ପୁନଃ ରାଜ୍ୟ ମାନ୍ୟତା ପ୍ରଦାନ କରିବା ସମ୍ପର୍କିତ ଅନେକ ଗୁଡ଼ିଏ ମାମଲାର ବିଚାର କରି ଆସନ୍ତା ୪ ସପ୍ତାହ ମଧ୍ୟରେ ନିଜର ମତାମତ ରଖିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ବେଞ୍ଚ ଏହି ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦାଲତରେ ନିଜର ପକ୍ଷ ରଖି ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି, ଜାମ୍ମୁ କାଶ୍ମୀରରେ ଉଲ୍ଲେଖନୀୟ ପ୍ରଗତି ପରିଲକ୍ଷିତ ହୋଇଛି । ସେଠାରେ ବିଧାନସଭା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ବୋଲି ଶ୍ରୀ ମେହେଟ୍ଟା ଅଦାଲତକୁ ଅବଗତ କରାଇଛନ୍ତି ।

## ଇଣ୍ଡିଆ-ଆଫ୍‌ଗାନ୍

ଚଳିତ ବର୍ଷ ଏପ୍ରିଲ୍ ୨୨ ତାରିଖରେ ହୋଇଥିବା ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣକୁ ଆଫ୍‌ଗାନିସ୍ତାନ ଦୃଢ଼ ନିନ୍ଦା କରିଥିବାରୁ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହାକୁ ସ୍ୱାଗତ କରିଛନ୍ତି । ଡକ୍ଟର ଜୟଶଙ୍କର ଓ ତାଙ୍କର ଆଫ୍‌ଗାନ ପ୍ରତିପକ୍ଷ ମାଓଲାଓ୍ୱି ଅମିର୍ ଖାନ୍ ମୁତାକ୍ୱୀଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଦ୍ୱିପକ୍ଷିୟ ବୈଠକ ପରେ ଜାରି କରାଯାଇଥିବା ଏକ ମିଳିତ ବିବୃତ୍ତିରୁ ଏହି ସୂଚନା ମିଳିଛି ।

ମିଳିଥିବା ସୂଚନା ଅନୁଯାୟୀ ଯେକୌଣସି ଦେଶରୁ ସଂଗଠିତ ହେଉଥିବା ସନ୍ତ୍ରାସବାଦର ସମସ୍ତ କାର୍ଯ୍ୟକଳାପକୁ ଉଭୟ ପକ୍ଷ ସର୍ବସମ୍ମତ କ୍ରମେ ନିନ୍ଦା କରିଛନ୍ତି । ଭାରତ, ଆଫ୍‌ଗାନିସ୍ତାନ ଓ ଏହାର ସଂଲଗ୍ନ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ଆପୋଷ ବିଶ୍ୱାସ ପ୍ରତିଷ୍ଠା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ପରସ୍ପରର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ଉପରେ ମଧ୍ୟ ଉଭୟ ପକ୍ଷ ପ୍ରାଥମିକତା ଦେଇଛନ୍ତି । ଭାରତର ସୁରକ୍ଷା ପ୍ରତି ଥିବା ବିପଦକୁ ଆଫ୍‌ଗାନ ସରକାର ଅନୁଭବ କରିପାରିଥିବାରୁ ଡକ୍ଟର ଜୟଶଙ୍କର ଏହାର ପ୍ରଶଂସା କରିଛନ୍ତି ।

ଭାରତ ବିପକ୍ଷରେ ଷଡ଼ଯନ୍ତ୍ର ବା ଆକ୍ରମଣ କରିବା ଲାଗି କୌଣସି ସଂଗଠନ ବା ବ୍ୟକ୍ତିକୁ ଆଫ୍‌ଗାନିସ୍ତାନ ନିଜର ଅଞ୍ଚଳରେ ଅନୁମତି ଦେବ ନାହିଁ ବୋଲି ଶ୍ରୀ ମୁତାକ୍ୱୀ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ନିକଟରେ ଆଫ୍‌ଗାନିସ୍ତାନର ନାନ୍‌ଗରହର୍ ଓ କୁନାର୍ ପ୍ରଦେଶରେ ଭୂମିକମ୍ପ ଯୋଗୁଁ

ଅନେକ ଧନଜୀବନହାନୀ ହୋଇଥିବାରୁ ଡକ୍ଟର ଜୟଶଙ୍କର ସମବେଦନା ଜ୍ଞାପନ କରିଛନ୍ତି । ଏହି ବିପର୍ଯ୍ୟୟ ସମୟରେ ଭାରତ ପ୍ରଥମ ଦେଶ ଭାବେ ରିଲିଫ୍ ସାମଗ୍ରୀ ପହଞ୍ଚାଇଥିବାରୁ ଶ୍ରୀ ମୁତାକ୍ୱୀ ଏହାର ପ୍ରଶଂସା କରିଛନ୍ତି ।

ଆଫ୍‌ଗାନିସ୍ତାନକୁ ଭାରତର ମାନବୀୟ ସହାୟତା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଦୁଇ ନେତା ଏହି ଅବସରରେ ସମୀକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ କ୍ରୀଡ଼ା ବିଶେଷ କରି କ୍ରିକେଟ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଉଭୟ ପକ୍ଷ ଆଲୋଚନା କରିଛନ୍ତି ।

## ନୋବେଲ୍ ପୁରସ୍କାର

ଭେନେଜୁଏଲାର ମାରିଆ କୋରିନା ମାକାଡୋଙ୍କୁ ୨୦୨୫ ଲାଗି ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯିବ । ଭେନେଜୁଏଲାର ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ବଜାୟ ରଖିବା ଦିଗରେ ସେ ଦେଶର ଲୌହ ମହିଳା ଭାବେ ପରିଚିତ ମାରିଆଙ୍କର ନିରନ୍ତର ପ୍ରୟାସ ଲାଗି ତାଙ୍କୁ ଏହି ପୁରସ୍କାର ଦିଆଯିବ ।

# ମେଣ୍ଟାଲ୍ ହେଲ୍‌ଥ୍ ଡେ

ଆଜି ହେଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ । ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱବ୍ୟାପୀ ମାନସିକ ସ୍ୱାସ୍ଥ୍ୟ ସେବାକୁ ପ୍ରୋତ୍ସାହିତ କରିବା ହେଉଛି ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସେବା ଉପଲବ୍ଧତା– ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ' ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବାର୍ତ୍ତା ଦେଇ କହିଛନ୍ତି, ପ୍ରତ୍ୟେକ ଲୋକଙ୍କ ଭଲପାଇଁ ମାନସିକ ସ୍ୱାସ୍ଥ୍ୟ ଏକ ମୌଳିକ ଢ଼ାଞ୍ଚା ଭାବେ କାର୍ଯ୍ୟ କରିଥାଏ । ଅନ୍ୟପ୍ରତି ଦୟା, କ୍ଷମା ଏବଂ କରୁଣା ପ୍ରଦର୍ଶନ କରିବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ ।

ଆଜି ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ମାନସିକ ସ୍ୱାସ୍ଥ୍ୟ ସହ ସମ୍ପୃକ୍ତ ଟେଲି ମାନସ୍ ଆପ୍ ସମେତ ବିବିଧ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଟେଲି ମାନସ୍ ଆପ୍ ଏଣିକି ଇଂରାଜୀ ଓ ହିନ୍ଦୀ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ । ଯାହାକି ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିପାରିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ସମାନତା ବଜାୟ ରଖି ସୁଲଭ ମୂଲ୍ୟରେ ଏକ ସମାବେଶୀ ମାନସିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଆପ୍

ମାଧ୍ୟମରେ ଦେଶର କୋଣ ଅନୁକୋଣରେ ଜରୁରୀକାଳୀନ ମାନସିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ମେଘୱାଲ୍-ୟଙ୍ଗ୍ ଫୋରମ୍

କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଭାରତ-ଜର୍ମାନ ଯୁବ ନେତୃତ୍ୱ ଫୋରମ୍‌ରେ ଉଦ୍‌ବୋଧନ ଦେଇଛନ୍ତି । ଏହାର  ବିଷୟବସ୍ତୁ ଥିଲା ଏକ ସ୍ଥିର ଗଣତନ୍ତ୍ର ଓ ନବଭାରତ ଗଠନ ଦିଗରେ ସମ୍ପ୍ରତି ନିଆଯାଉଥିବା ପଦକ୍ଷେପ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମେଘୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱସ୍ତରରେ ଏକ ଆଦର୍ଶ ଗଣତାନ୍ତ୍ରିକ ଦେଶ, ସୁ-ଶାସନ ତଥା ଆଇନ୍‌କୁ ସମ୍ମାନ ଦେଉଥିବା ଦେଶ ଭାବେ ପରିଗଣିତ ହେଉଛି । ଭାରତ-ଜର୍ମାନର ଯୁବ ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଏବଂ ବୁଦ୍ଧିଜୀବୀମାନେ ଏହି ଆଲୋଚନା ମାଧ୍ୟମରେ ସହଯୋଗ, ନବସୃଜନତା ଏବଂ ଯୁବ ନେତୃତ୍ୱକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ଫୋରମ୍ ସହାୟକ ହେବ ବୋଲି ଶ୍ରୀ ମେଘୱାଲ୍ ଉଲ୍ଲେଖ କରିଛନ୍ତି ।

# ୟୁଏସ୍ ଆମ୍ବାସଡର-ଭିଜିଟ୍

ଭାରତରେ ନବନିଯୁକ୍ତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗର୍ ଗତକାଲିଠାରୁ ଏକ ସପ୍ତାହ ଲାଗି ଭାରତ ଗସ୍ତରେ ଆସିଛନ୍ତି । ୩୮ ବର୍ଷ ବୟସ୍କ ଗର୍ ଭାରତରେ ଯୁକ୍ତରାଷ୍ଟ୍ର ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଗର୍ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଭାରତ ସରକାରଙ୍କ ବିଭିନ୍ନ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ । ଦ୍ୱିପକ୍ଷିୟ ରଣନୈତିକ ଭାଗିଦାରୀ ଏବଂ ଏକ ନିରାପଦ, ସଶକ୍ତ ତଥା ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ଦିଗରେ ଭାରତ ସହ ମିଳିତ ପ୍ରୟାସ କରିବ ବୋଲି ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି ।

# କ୍ରିକେଟ୍

ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ ୱିକେଟ୍ ହରାଇ ୩୧୮ରନ୍ କରିଛି । ଦଳ ପକ୍ଷରୁ ଓପନର୍ ଯଶସ୍ୱୀ ଜୟସ୍ୱାଲ୍  ୧୭୩ରନ୍ ଏବଂ ଶୁଭମନ୍ ଗିଲ୍ ୨୦ ରନ୍ କରି ଅପରାଜିତ ଅଛନ୍ତି । ଏତଦ୍‌ବ୍ୟତୀତ ସାଇ ସୁଦର୍ଶନ ୮୭ରନ୍ କରିଛନ୍ତି ।

ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ଅହମ୍ମଦାବାଦ୍ ଠାରେ ଅନୁଷ୍ଠିତ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଏକ ବିଶାଳ ସ୍କୋର ବ୍ୟବଧାନରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ୧-୦ରେ ଅଗ୍ରଣୀ ରହିଛି ।

## ବ୍ୟାଡ୍‌ମିଣ୍ଟନ

ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଟିମ୍ ଗୌହାଟୀ ଠାରେ ଅନୁଷ୍ଠିତ ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ ଜୁନିୟର୍ ମିକ୍ସଡ୍ ଟିମ୍ ଚାମ୍ପିୟନସିପ୍ ୨୦୨୫ରେ ବ୍ରୋଞ୍ଜ ପଦକ ହାସଲ କରିଛି । ସେମିଫାଇନାଲ୍‌ରେ ଭାରତୀୟ ଦଳ ଇଣ୍ଡୋନେସିଆ ନିକଟରୁ ପରାସ୍ତ ହେବା ପରେ ଏହି ପଦକ ପାଇଛି ।

## ଆଇଏମ୍‌ଡି ୱେଦର୍

ଆନ୍ଧ୍ରପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାର ବିକ୍ଷିପ୍ତ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଗାମୀ ଦୁଇ ତିନି ଦିନ ପର୍ଯ୍ୟନ୍ତ କର୍ଣ୍ଣାଟକ, କେରଳ, ଓଡ଼ିଶା, ତାମିଲନାଡୁ, ପୁଡୁଚେରୀରେ ମଧ୍ୟ ଅନୁରୂପ ପାଗ ଅନୁଭୂତ ହେବ ବୋଲି

ଜଣାପଡ଼ିଛି । ଏତଦ୍‌ବ୍ୟତୀତ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକା ଓ ଲାକ୍ଷାଦ୍ୱୀପରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।